■ ବେଆଇନ ଗୋ-ଚାଲାଣ

## ୨୩ ଗୋରୁ ଉଦ୍ଧାର, ଟ୍ରକ୍ ଜବତ



ନରସିଂହପୁର,୭।୧(ସମିସ): ନରସିଂହପୁର ଥାନା ଅଞ୍ଚଳରୁ ଗୋରୁ ସଂଗ୍ରହ କରି ଅନ୍ୟତ୍ର ଚାଲାଣ ହେଉଥିବା ବେଳେ ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢଉ କରି ୨୩ଟି ଗୋରୁଙ୍କୁ ଉଦ୍ଧାର କରିବା ସହିତ ଏକ ଟ୍ରକ ଜବତ କରିଛି। ସୂଚନା ମୁତାବକ, ବିରସିଂହପୁର ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ପଶ୍ଚିମବଙ୍ଗ ନଂ ଥିବା ଏକ ଟ୍ରକରେ ଗୋରୁ ବୋଝେଇ ହେଉଥିବା ବେଳେ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ୫/୭ଟି ଗୋରୁ ବୋଝେଇ ହେବାକୁ ବାକି ଥିବା ବେଳେ ଅନ୍ୟ ସମସ୍ତ ଗୋରୁ ଟ୍ରକ୍ ମଧ୍ୟକୁ ଚଢାଇ ଦିଆଯାଇଥିଲା। ପୁଲିସ ପହଞ୍ଚିବା ପୂର୍ବରୁ ଗାଡ଼ି ଚାଳକ ସହିତ ସଂପୃକ୍ତ ଦଲାଲମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସମସ୍ତ ଗୋରୁଙ୍କୁ ଥାନା ପୁଲିସ ଉଦ୍ଧାର କରି ଖଣ୍ଡପଡ଼ାସ୍ଥିତ ଏକ ଗୋଶାଳାକୁ ପଠାଇଥିବା ବେଳେ ଟ୍ରକଟିକୁ ଜବତ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ପ୍ରକାଶ କରିଛନ୍ତି। ଏହି ବେଆଇନ ଗୋଚାଲାଣରେ ସମ୍ପୃକ୍ତ ସମସ୍ତ ଦଲାଲଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

## ଅବକାରୀ ଚଢ଼ଉ; ମଦ ଓ ପୋଚ ନଷ୍ଟ

ଆଠଗଡ,୭।୧(ସମିସ): ଆଠଗଡ଼ ଅବକାରୀ ବିଭାଗ ଏବଂ ଜଙ୍ଗଲ ବିଭାଗ ପକ୍ଷରୁ ଆଜି ଏକ ମିଳିତ ଚଢଉରେ ୨୨୦୫ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୧୬ ହଜାର ୫୨୦ ଲିଟର ଗୁଡ ପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ, କଁସର, ବାଉଁଶ ଟାଙ୍ଗର ଏବଂ ଖଣ୍ଡୁଆଳୀ ସଂରକ୍ଷିତ ଜଙ୍ଗଲରେ ଏହି ଚଢ଼ଉ କରାଯାଇଥିବା ବେଳେ ଏହି ଘଟଣାରେ ୬ଟି ମାମଲା ରୁଜୁ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଚଢଉରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଉପ ନିରୀକ୍ଷକ ଅକ୍ଷୟ ଜେନା, ବାପି ସାହୁ, ରାଜେଶ ପଟେଲଙ୍କ ସହିତ ଆଠଗଡ଼ ଅବକାରୀ ବିଭାଗ ଏବଂ ଖୁଣ୍ଟୁଣୀ ବନବିଭାଗର ସମସ୍ତ କର୍ମଚାରୀମାନେ ସାମିଲ ହୋଇଥିଲେ।

## ତ୍ରୀବିକ୍ରମ ମହାନ୍ତିଙ୍କ ବିୟୋଗରେ ଶୋକସଭା



ନେମାଲ,୭।୧(ସମିସ): ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇବା ସହ ବହୁ କାର୍ଯ୍ୟକରି ସୁନାମ ଅର୍ଜନ କରିଥିବା ତ୍ରୀବିକ୍ରମ ମହାନ୍ତିଙ୍କ ପରଲୋକରେ ଆଜି ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ସଂଯୋଜନା ଓ ସୁବାଷ ଚନ୍ଦ୍ର ଦାସ, ମଳୟଦେ, ପବିତ୍ର ମହାନ୍ତି, ମାଧବାନନ୍ଦ ପାତ୍ରଙ୍କ ସହଯୋଗରେ ଅନୁଷ୍ଠିତ ଶୋକସଭାରେ ପ୍ରାକ୍ତନ ଶିକ୍ଷକ ବିଶ୍ୱନାଥ ମହାନ୍ତି, କୃଷ୍ଣଚନ୍ଦ୍ର ନାୟକ, ସନ୍ଧ୍ୟାରାଣୀ ସାହୁ, ମଞ୍ଜୁଲତା ସାହୁ, ହେମନ୍ତ ଲେଙ୍କା, ନାରାୟଣ ଦ୍ୱିବେଦୀ, ଅନନ୍ତ କର, ସଚ୍ଚିଦାନନ୍ଦ ଦାସ, ଧରଣୀଧର ପୁଝାରୀ, ନୃସିଂହ ଚରଣ ଜେନା, ଅନନ୍ତ ଭୂୟାଁ, ଅନୀଲ ଭୂୟାଁ, ପ୍ରମୋଦ ଷଡଙ୍ଗୀ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେ ସଙ୍ଗେ ସ୍ୱର୍ଗତ ମହାନ୍ତିଙ୍କୁ ଜଣେ ଆଧ୍ୟାତ୍ମିକବାଦୀ, ସଚ୍ଚୋଟବ୍ୟକ୍ତି ଭାବରେ ବର୍ଣ୍ଣନା ଥିଲେ, ବିଦ୍ୟାଳୟର ବହୁ ପୁରାତନ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ସମେତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଅଭିନବ ଭାରତ ପକ୍ଷରୁ ବନ୍ଧୁମିଳନ



ଆଠଗଡ଼,୭।୧(ସମିସ): ଆଠଗଡ ସ୍ଥିତ ଅଭିନବ ଭାରତ ଏକ ପ୍ରୟାସ ସାମାଜିକ ସଂଗଠନ ଆନୁକୂଲ୍ୟରେ ରାସରସିକପୁର କାର୍ଯ୍ୟାଳୟ ପରିସରରେ ବନ୍ଧୁମିଳନ ଓ ସଂଗଠନ ବାର୍ଷିକ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଲବ୍ଧ ପ୍ରତିଷ୍ଠିତ ଭାଷାବିତ୍ ବିଭୂତି ଭୂଷଣ ମିଶ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦିକା ଅସୀମା ପଟ୍ଟନାୟକ ନୂତନ ବର୍ଷରେ ସଂଗଠନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷ ସଂଗଠନ ପକ୍ଷରୁ ଆଠଗଡର ସାମଗ୍ରିକ ବିକାଶ, ସାମାଜିକ ସଚେତନତା, ନାରୀ ଜାଗରଣ ଦିଗରେ କାର୍ଯ୍ୟ କରିବା ସହିତ ଆଠଗଡରେ ଅବକ୍ଷୟମୁଖୀ ସଂସ୍କୃତି, ପରମ୍ପରା ସାହିତ୍ୟ ସ୍ଥପତି ତଥା ଆଠଗଡ ଗଡ଼ଜାତର ଇତିହାସ ବିଷୟରେ ଏକ ନିର୍ଭୁଲ ତଥ୍ୟଭିତ୍ତିକ ଇତିହାସ ପୁସ୍ତକ ପ୍ରକାଶ ଦିଗରେ କାର୍ଯ୍ୟ କରିବ ବୋଲି ସମ୍ପାଦିକା ପଟ୍ଟନାୟକ ସୂଚନା ଦେବା ସହିତ ଏ ଦିଗରେ ସହଯୋଗ କରିବା ପାଇଁ ବୁଦ୍ଧିଜୀବୀଙ୍କ ସହଯୋଗ ଲୋଡିଥିଲେ। ବୈଠକରେ ଆଠଗଡ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ



ନରସିଂହପୁର,୭।୧(ସମିସ): ନରସିଂହପୁର ସଦର ମହକୁମା ପରିସରରେ ଥିବା ୟୁକୋ ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଛି। ଶାଖା ପରିଚାଳକ ଆଶୁତୋଷ ବେଉରାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସମାଜସେବୀ ପ୍ରଭାକର ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷ କୁଳମଣି ବାରିକ, ଜନାର୍ଦ୍ଦନ ସେନାପତି, ବ୍ୟାଙ୍କ ଅଧିକାରୀ ଆଲୋକ ରଞ୍ଜନ ମିଶ୍ର, ସ୍ମୃତି ରଞ୍ଜନ ସେନାପତି, ନୀଳମଣି ସାହୁ, ଆହ୍ଲାଦ ସ୍ୱାଇଁ ପ୍ରାମୁଖ ଯୋଗଦେଇ ଗ୍ରାହକଙ୍କ ସେବା କିଭଳି ସୂଚାରୁ ଭାବେ ହେବ ସହିତ ଆଜି ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କରେ କାର୍ଯ୍ୟରତ ବ୍ୟାଙ୍କ ମିତ୍ର, ସେବିକା ମହିଳା ଗୋଷ୍ଠୀ, ସମାଜସେବୀ ଅନୀଲ ପଣ୍ଡା, ରମେଶ ତ୍ରିପାଠୀ, ସିଲୁ ପଣ୍ଡାଙ୍କ ସମେତ ବ୍ୟାଙ୍କ ଗ୍ରାହକ ସହଯୋଗ କରିଥିଲେ।

# ପ୍ରତାପନଗରୀ ବାଲିଘାଟକୁ ନେଇ ଜନଅସନ୍ତୋଷ

ଫୁଲନଖରା,୭।୧(ସମିସ): କଟକ ସଦର ଥାନା ପ୍ରତାନନଗରୀ ମୌଜା ଅନ୍ତର୍ଗତ କୁଆଖାଇ ନଦୀ ବାଲିଶଯ୍ୟାରୁ ବାଲି ଉଠାଣକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ପ୍ରତାପନଗରୀ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ସଂପାଦକ ପ୍ରମୋଦ କୁମାର ବେହେରାଙ୍କ ପୌରହିତ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନଦୀ ଶଯ୍ୟାର ୧୩ ଏକର ପରିମିତ ସ୍ଥାନରୁ ନ୍ୟୁନତମ ଅନୁମୋଦିତ ପରିମାଣ (ଏମ୍‌ଜିକ୍ୟୁ) ବାର୍ଷିକ ୧୬ହଜାର ୮ଶହ କ୍ୟୁବିକ୍ ମିଟର ବାଲି ଉଠାଣ ପାଇଁ ଲିଜ୍ ଦିଆଯାଇଥିଲା। ହେଲେ ପର୍ଯ୍ୟାବରଣ ସ୍ଥିରତା ସର୍ତ୍ତାବଳୀ ଅନୁପାଳନ ନ କରିବା ଏବଂ ନଦୀଶଯ୍ୟାରୁ ବାଲି ଉଠାଣ ପାଇଁ ଆବଶ୍ୟକ ଆପ୍ରୋଚ୍ ରୋଡ୍ ଅନୁମୋଦନ ନ ହେବା କାରଣରୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୪ ନଭେମ୍ବର ମାସରେ ତାହା ସଂଶୋଧିତ ହୋଇ ଜନୈକ ଲିଜ୍‌ଧାରୀଙ୍କୁ ଏମ୍‌ଜିକ୍ୟୁକୁ ହ୍ରାସ କରି ବାର୍ଷିକ ୯ ହଜାର ୮ଶହ କ୍ୟୁବିକ୍ ମିଟର ବାଲି ଉଠାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ବାଲିଶଯ୍ୟାରେ ଡିଏସ୍‌ଆର୍ ରିପୋର୍ଟ ଅନୁଯାୟୀ କୌଣସି ସୂଚକାଙ୍କ ଖୁଣ୍ଟି ଦିଆ ନ ଯାଇଥିବା ବେଳେ କିଭଳି ବାଲି ଉଠାଣ ହେଉଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତ୍ୟେକ ଦିନ ଉକ୍ତ ଘାଟରୁ କୌଣସି ପରିବହନ ଅନୁମତି ବା ଟ୍ରାଞ୍ଜିଟ୍ ପାସ୍ ନ ଥାଇ ମାତ୍ରାଧିକ ବାଲି ଉଠାଯାଉଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଗ୍ରାମବାସୀଙ୍କ ତରଫରୁ ଏ ବିଷୟରେ ଖଣି ଅଧିକାରୀଙ୍କୁ ଅବଗତ କରାଇବାରୁ ସେ ପ୍ରତ୍ୟୁତ୍ତରରେ ଟ୍ରାଞ୍ଜିଟ୍ ପାସ୍ ଉପରେ ଗ୍ରାମବାସୀ ଅଭିଯୋଗ କରିବାର ଅଧିକାର ନାହିଁ ଏବଂ ଏହା କେବଳ ଖଣି ଅଧିକାରୀଙ୍କ ଅଧିକାରଭୁକ୍ତ ବୋଲି ପ୍ରକାଶ କରିଥିଲେ। ଆହୁରି ମଧ୍ୟ କହିଥିଲେ କି, ସବୁ ବାଲିଘାଟରୁ ବିନା ଟ୍ରାଞ୍ଜିଟ୍ ପାସ୍‌ରେ ବେଆଇନ୍ ଭାବରେ ବାଲି ଉଠିବାରେ ଆମେ ମଧ୍ୟ ସହମତି ଅଛୁ। କେବଳ ସେତିକି ନୁହେଁ ଇସିଙ୍କ ନିର୍ଦ୍ଦେଶାନୁସାରେ ମେସିନ୍ ଦ୍ୱାରା ବାଲି ଉଠା ନିୟମ ବହିର୍ଭୁତ ହୋଇଥିଲେ ସୁଦ୍ଧା ଉକ୍ତ ଘାଟରେ ମେସିନ୍ ଦ୍ୱାରା ବାଲି ଉଠାଯାଇ ଇସିଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଛି। ପ୍ରକାଶ ଥାଉକି ଉକ୍ତ ବାଲିଘାଟକୁ ଲାଗି ବହୁ ପ୍ରାଚୀନ ଓ ପ୍ରସିଦ୍ଧ ମା’ ଧାକୁଲେଇଙ୍କ ମନ୍ଦିର ରହିଛି। ଯେଉଁ ମନ୍ଦିରଟି ଓଡ଼ିଶା ସରକାରଙ୍କ ଦ୍ୱାରା ପର୍ଯ୍ୟଟନ ସ୍ଥଳର ମାନ୍ୟତା ମଧ୍ୟ ପାଇଛି। ଯଦି ଉକ୍ତ ମନ୍ଦିର ସମ୍ମୁଖ ଦେଇ ପ୍ରତ୍ୟେହ ଶହଶହ ବାଲି ଗାଡି ଚଳାଚଳ କରେ ତେବେ ପରିବେଶଟି ନଷ୍ଟ ହେବା ସହ ପ୍ରତ୍ୟେହ ମା’ଙ୍କ ଦର୍ଶନ ପାଇଁ ଆସୁଥିବା ଶହଶହ ଭକ୍ତଙ୍କ ପ୍ରତି ବିପଦର କାରଣ ମଧ୍ୟ ହୋଇପାରେ। ଦ୍ୱିତୀୟତଃ ଉକ୍ତ ସ୍ଥାନରେ ୧୯୬୨ ମସିହାରୁ ଖନନ ହୋଇଥିବା ପୁରୀ ମେନ୍ କେନାଲ କୁଆଖାଇ ନଦୀ ଶଯ୍ୟା ଭୂତଳ ଦେଇ ଜଳ ନିଷ୍କାସନ ହେଉଛନ୍ତି। ଉକ୍ତ ଭୂତଳ ବ୍ରିଜ୍ ଉପର ଦେଇ ବାଲି ବୋଝେଇ ଭାରୀଯାନଗୁଡିକ ବାରମ୍ବାର ଯାତାୟାତ କରିବା ଫଳରେ ଭୂତଳ ବ୍ରିଜ୍ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ମଧ୍ୟ ରହିଛି। ଯଦି ଭୂତଳ ବ୍ରିଜ୍ କ୍ଷତିଗ୍ରସ୍ତ ହୁଏ ତେବେ ପୁରୀ ମେନ୍ କେନାଲ ଦେଇ ଜଳସେଚିତ ପୁରୀ, ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ଥିବା ଚାଷଜମିକୁ ଜଳସେଚନ ହେବାରେ ସମସ୍ୟା ସୃଷ୍ଟି ହେବା ନିଶ୍ଚିତ। ଏସବୁ ପ୍ରତି ଦୃଷ୍ଟିଦେଇ ବାଲି ମାଫିଆ ଓ ପ୍ରଶାସନର ସଲାସୁତରାରେ ଚାଲିଥିବା ଉକ୍ତ ଘାଟକୁ ତୁରନ୍ତ ବନ୍ଦ କରିବାକୁ ଗ୍ରାମବାସୀଙ୍କ ତରଫରୁ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସୁଜନ ବେହେରା, ବିକ୍ରମ ଜେନା, ଅରୁଣ ରାଉତ, ଭରତ ଚରଣ ବେହେରା, ବ୍ରଜବନ୍ଧୁ ପରିଡା, ଧୂଳେଶ୍ୱର ବେହେରା, ଦିଲ୍ଲୀପ ରାଉତ, ଛବିନ୍ଦ୍ର ବେହେରା, ନିର୍ମଳ ସ୍ୱାଇଁ, ଯଶୋବନ୍ତ ବାରିକ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାରଙ୍କୁ ନିବେଦନ କରିଛନ୍ତି।



### ପର୍ଯ୍ୟାବରଣ ସ୍ଥିରତା ପାଇଁ ପ୍ରଶାସନ ଧ୍ୟାନଦେବା ଉଚିତ୍

### ବାଲିଘାଟ ବନ୍ଦ କରିବାକୁ ଗ୍ରାମବାସୀଙ୍କ ଦାବି

## ଡାକ୍ତରଙ୍କ ଆନ୍ଦୋଳନ ତୃତୀୟ ଦିନରେ | ରୋଗୀସେବା ବିପର୍ଯ୍ୟସ୍ତ

ଆଠଗଡ଼,୭।୧(ସମିସ): ରାଜ୍ୟର ସରକାରୀ ଡାକ୍ତରମାନଙ୍କ ବିଭିନ୍ନ ଦାବିକୁ ନେଇ ଚାଲିଥିବା ଆନ୍ଦୋଳନ ଆଜି ତୃତୀୟ ଦିନରେ ପହଞ୍ଚିଛି। ଏହାର ପ୍ରଭାବରେ ଆଠଗଡ଼ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ରୋଗୀ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନର ଡକରାରେ ଡାକ୍ତରମାନେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଦୂରଦୂରାନ୍ତରୁ ଆସିଥିବା ଶତାଧିକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଟାଣ ଖରାରେ ମନ୍ଦିର ବେଢ଼ା ଓ ଚିକିତ୍ସାଳୟ ପରିସରରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଡାକ୍ତରମାନେ ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ରୋଗୀ ଦେଖିବା ପରେ ନିଜର ୧୦ ଦଫା ଦାବି ପୂରଣ ପାଇଁ କାର୍ଯ୍ୟବନ୍ଦ ରଖୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଜରୁରୀକାଳୀନ ମନେକରି ଏସମା ଲାଗୁ କରିଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ଆନ୍ଦୋଳନକାରୀଙ୍କ ଉପରେ ପଡ଼ିନାହିଁ। ଏ ସମ୍ପର୍କରେ ଆଠଗଡ଼ ଉପଖଣ୍ଡ ସରକାରୀ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ମାନସ ରଞ୍ଜନ ପାଣି କହିଛନ୍ତି



ଯେ, ଏସମା ସମ୍ପର୍କରେ ସଂଘ (ଓମସା) ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ମିଳିନାହିଁ। ସରକାର ଯେ ପର୍ଯ୍ୟନ୍ତ ଦାବି ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରା ଜାରି ରହିବ। ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେଉଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଯଦି ସରକାର ଓ ଡାକ୍ତରଙ୍କ ମଧ୍ୟରେ ଶୀଘ୍ର ଆଲୋଚନା ମାଧ୍ୟମରେ ସମାଧାନ ନ ବାହାରେ, ତେବେ ଆଗାମୀ ଦିନରେ ରୋଗୀସେବା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି।

## ବାଳକୃଷ୍ଣ ବିଦ୍ୟାନିକେତନ ପୁରାତନ ବିଦ୍ୟାର୍ଥୀ ପରିଷଦ ସମାବେଶ

ନିଶ୍ଚିନ୍ତକୋଇଲି,୭।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁରଠାରେ ଥିବା ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀଙ୍କ ଏକ ସମାବେଶ ବ୍ରହ୍ମକ୍ଷେତ୍ର ପାର୍କଠାରେ ଅନୁଷ୍ଠିତ ହୋଇଛି। ଏହି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ଜାନୁୟାରୀ ୩୦ ତାରିଖରେ ପାଳନ କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଥିବାରୁ ଏହାକୁ ସରସ ସୁନ୍ଦର କରିବା ନିମନ୍ତେ ବିଭିନ୍ନ ଦିଗ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ବିଦ୍ୟାର୍ଥୀ ପରିଷଦର ସଭାପତି ଗୌତମ ଦାସଙ୍କ ସଂଯୋଜନାରେ ଏଥିରେ ସଂପାଦକ ସୁରେନ୍ଦ୍ରନାଥ ରାଉତ, ଉପସଭାପତି ଜ୍ୟୋତି ରଞ୍ଜନ ସ୍ୱାଇଁ, ସହସଂପାଦକ ମନୋଜ ଘଡାଇ, କୋଷାଧ୍ୟକ୍ଷ ବିଜୟ ବେଦାନ୍ତ, ନାରାୟଣ ଭାରତୀ, ପଦ୍ମଚରଣ ଆଚାର୍ଯ୍ୟ, ସରୋଜ ଦ୍ୱିବେଦୀ, କୁଳମଣି ରାଉତ, ବଳରାମ ପାତ୍ର, ଉତ୍ସବ ଚନ୍ଦ୍ର ଦାସ, ଜଗବନ୍ଧୁ ବିଶ୍ୱାଳ, ଦୀପକ ପରିଡା, କମଳା ବସ୍ତିଆ, ଅପର୍ଣ୍ଣା ନାୟକ, ସମୀକ୍ଷକ ଯଶୋବନ୍ତ ଦାସ, ତାପସ ଦାସ, ଶାରଦା ମିଶ୍ର, ରବିନ୍ଦ୍ର ଦାସ, ଚନ୍ଦନ ରାଉତ, ତ୍ରିଲୋଚନ ଦାସ, ଉମାକାନ୍ତ ସାହୁ, ନିତ୍ୟାନନ୍ଦ ସ୍ୱାଇଁ, ଜଗତଜୀବନ ପଣ୍ଡା, ଜିତେନ୍ଦ୍ର ସ୍ୱାଇଁ, ରତିକାନ୍ତ ରାଉତ, ମାନସ ସ୍ୱାଇଁ, ଧୀରେନ୍ଦ୍ର ବେହେରା, ଜ୍ଞାନରଞ୍ଜନ ମହାପାତ୍ରଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



## ମା’ ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ



ନରସିଂହପୁର,୭।୧(ସମିସ): ନରସିଂହପୁର ବ୍ଲକ କମଳାଡିହସ୍ଥିତ ମା’ ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହିଲ ଭିୟୁ ରିସୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ତଥା ଶିକ୍ଷାବିତ ସଞ୍ଜୟ ଡାଲୁଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ବୈକୁଣ୍ଠ ନାଥ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ନାଗରିକ ମଞ୍ଚର ସ୍ୱର୍ଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ କର୍ମକର୍ତ୍ତା ସୋନାଲି ହାସଂଦାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକଙ୍କର ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା ସହିତ ଔଷଧ ବିତରଣ କରାଯାଇଥିଲା। କମଳାଡିହ ଠାରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚସି) ଖୋଲିବା ଦାବିକୁ ରାଜ୍ୟ ସରକାର ନିକଟରେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମ୍ମାନିତ ଅତିଥିଭାବେ ଉପଦେଷ୍ଟା ଗଙ୍ଗାଧର ଡାଲୁଆ, ଉପସଭାପତି ଯୁଧିଷ୍ଠିର ନାୟକ, ଲଳିତ ଡାଲୁଆ, କୋଷାଧ୍ୟକ୍ଷ ଲୋକନାଥ ସାହୁ, ପିତାମ୍ବର ରାଉତ, ସହ ସମ୍ପାଦକ ସୁବାସଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

**କମଳାଡ଼ିହରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଦାବି**

## ମିଶନ ମେରିଟ ୨୦୨୬ ସଚେତନତା କାର୍ଯ୍ୟକ୍ରମ




ତିଗିରିଆ,୭।୧(ସମିସ): ଦଳଗତ ଆଲୋଚନା ହିଁ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କର ଅଧିକ ଫଳପ୍ରଦ ହୋଇଥାଏ ବୋଲି ବୁଧବାର ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ମିଶନ ମେରିଟର ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ହାଇସ୍କୁଲ ପରୀକ୍ଷାରେ ଛାତ୍ରଛାତ୍ରୀମାନେ କିଭଳି ଭଲ ମେରିଟର ସହ କୃତକାର୍ଯ୍ୟ ହେବେ ଏବଂ ଅଧିକରୁ ଅଧିକ ସଫଳତା (ଏ-୧ ଗ୍ରେଡ) ହାସଲ କରିବେ ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ମିଶନ ମେରିଟ କାର୍ଯ୍ୟକ୍ରମ ସାରା ଜିଲ୍ଲାରେ କାର୍ଯ୍ୟକାରୀ କରିଛନ୍ତି। ଏହାକୁ ଭିତ୍ତିକରି ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟ ନିଜର କୃତି ଛାତ୍ରଛାତ୍ରୀଙ୍କୁ ନେଇ ଆବଶ୍ୟକୀୟ ଶିକ୍ଷାଦାନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ ଭିତ୍ତି କରି ତିଗିରିଆ ବ୍ଲକରେ ୧୩ଟି ଉଚ୍ଚ ବିଦ୍ୟାଳୟର ୮୩ ଜଣ ଛାତ୍ରଛାତ୍ରୀଙ୍କୁ ନିଆଯାଇଛି। ପରୀକ୍ଷାରୁ ଚାପମୁକ୍ତ ହେବା ସହିତ କିଭଳି ଅଧିକରୁ ଅଧିକ ଜ୍ଞାନ ହାସଲ କରିବେ ଏଥି ନିମନ୍ତେ ବ୍ଲକଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଉକ୍ତ ୮୩ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଏବଂ ଶିକ୍ଷାଦାନ ଦେଉଥିବା ଶିକ୍ଷକ ଶିକ୍ଷିକା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପରୀକ୍ଷାରେ ଆସୁଥିବା ନମୂନା ପ୍ରଶ୍ନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦଳଗତ ଆଲୋଚନା କରାଗଲେ ଏହା ଅଧିକ ଫଳପ୍ରଦ ହେବ ଏଣୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦାୟିତ୍ୱ ନେବାକୁ ଆହ୍ୱାନ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ସହକାରୀ ଜିଲ୍ଲାପାଳ ପ୍ରୀତମ ସୌମ୍ୟ ପ୍ରକାଶ ବେହେରା, ବଡମ୍ବା ବ୍ଲକ ପୂର୍ବତନ ଶିକ୍ଷା ଅଧିକାରୀ ମଉଗଜ ସିଂ, ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ ଯୋଗଦେଇଥିଲେ। ଶିକ୍ଷକ ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର ଓ ଚନ୍ଦ୍ରକାନ୍ତ ମିଶ୍ରଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣୀ ସ୍ୱାଇଁ, ମହେଶ୍ୱର ସେଠୀ, ଅଶୋକ ଦାସ, ଉମାଶଙ୍କର ରାଉତ, ବିଶ୍ୱରଞ୍ଜନ ଜେନା, ପ୍ରଶାନ୍ତ ଘଡେଇ ଏବଂ ନିଶାକର ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

ଗ୍ୟାସ ଦୋକାନରେ ଯୋଗାଣ ବିଭାଗର ଚଢ଼ଉ

## ୧୬୩ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ

ତିଗିରିଆ,୭।୧(ସମିସ): ତିଗିରିଆ ଥାନା ଅଧୀନ ନୂଆପାଟଣା ଷ୍ଟେଟ ବ୍ୟାଙ୍କ ଶାଖା ସମ୍ମୁଖରେ ଥିବା ଏକ ଜାଳେଣୀ ଗ୍ୟାସ ଦୋକାନ ଉପରେ ବୁଧବାର ଚଢ଼ଉ କରି ସ୍ଥାନୀୟ ଯୋଗାଣ ବିଭାଗ ୧୬୩ଟି ବେଆଇନ ଗ୍ୟାସ ସିଲିଣ୍ଡର ଜବତ କରିଛି। ଜବତ ହୋଇଥିବା ସିଲିଣ୍ଡରର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି। ଦୀର୍ଘ ଦିନ ଧରି ନୂଆପାଟଣା ଗ୍ରାମର କୈଳାସ ଦାସ (୬୨) ତାଙ୍କ ଦୋକାନରେ ବେଆଇନ ଗ୍ୟାସ ସିଲିଣ୍ଡର ରଖି ଚଢା ଦରରେ ଖାଉଟିଙ୍କୁ ବେପାର କରୁଥିଲେ। ଏଥିନେଇ ସ୍ଥାନୀୟ ଯୋଗାଣ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲା। ବୁଧବାର ଆଠଗଡ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡାଙ୍କ ନେତୃତ୍ୱରେ ତିଗିରିଆ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇପ୍ସିତା, ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳ, ତିଗିରିଆ ଯୋଗାଣ ଅଧିକାରୀ ବିଦ୍ୟୁତଲତା ନାୟକ ପ୍ରମୁଖ ଅପରାହ୍ନରେ ଏହି ଦୋକାନ ଉପରେ ଚଢ଼ଉ କରିବା ସହିତ ଦୋକାନୀଙ୍କ ବାସଭବନ, ଦୋକାନ ଓ ଗୋଦାମ ଘରୁ ମୋଟ ୧୬୩ଟି ବେଆଇନ ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ଜବତ ସିଲିଣ୍ଡର ମଧ୍ୟରୁ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ସିଲିଣ୍ଡରରେ ଗ୍ୟାସ ପୂର୍ଣ୍ଣ ରହିଥିବା ବେଳେ ଅନ୍ୟ ସିଲିଣ୍ଡର ଗୁଡିକ ଖାଲି ରହିଥିଲା। ଚଢ଼ଉ ସମୟରେ ଦୁଇ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଓ ପ୍ରୀତମ ସୌମ୍ୟ ପ୍ରକାଶ ବେହେରା ଘଟଣା ସମ୍ପର୍କରେ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ଜବତ ଗ୍ୟାସ ସିଲିଣ୍ଡରକୁ ହିନ୍ଦୁସ୍ତାନ ପେଟ୍ରୋଲିୟମ ଗ୍ୟାସ ଡିଷ୍ଟ୍ରିବ୍ୟୁଟରଙ୍କ ଜିମାରେ ରଖାଯାଇଥିବା ବେଳେ ଆସନ୍ତାକାଲି ପ୍ରତ୍ୟେକ ସିଲିଣ୍ଡର ନମ୍ବର ଓ ଓଜନ କରାଯାଇ ସବିଶେଷ ତଥ୍ୟ ମିଳିବା ପରେ ଏ ନେଇ ବିଭାଗ ତରଫରୁ ଗ୍ୟାସ ଦୋକାନୀ ନାମରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି ସହକାରୀ ଯୋଗାଣ ଅଧିକାରୀ ଶ୍ରୀ ପରିଡା ସୂଚନା ଦେଇଛନ୍ତି।



୨ୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଆଇଆର୍‌ସି ଭୁବନେଶ୍ୱରକୁ ହରାଇ ବାଙ୍କୀ କ୍ରିକେଟ କ୍ଲବ ବିଜୟୀ



ଆଠଗଡ,୭।୧(ସମିସ): ଆଠଗଡ ଷ୍ଟାଡିୟମଠାରେ ଭେଟେରାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୨ୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ମ୍ୟାଚରେ ଆଇଆର୍‌ସି ଭୁବନେଶ୍ୱର କ୍ରିକେଟ କ୍ଲବକୁ ୬ ୱିକେଟରେ ପରାସ୍ତ କରି ବାଙ୍କୀ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଟସ୍ ଜିତି ଭୁବନେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୧୩୫ ରନ୍ ସଂଗ୍ରହ କରିଥିଲେ। ୧୩୬ ରନର ଲକ୍ଷ୍ୟ ନେଇ ବାଙ୍କୀ ଦଳ ବ୍ୟାଟିଂକୁ ଓହ୍ଲାଇ ୧୨ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲେ। ଉନ୍ନତ ବୋଲିଂ ପ୍ରଦର୍ଶନ ପାଇଁ ବାଙ୍କୀ ଦଳର ଜିତେନ୍ଦ୍ର ବେହେରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ମ୍ୟାଚକୁ ଅମ୍ପାୟାର ଭାବେ ସମୀର ପ୍ରଧାନ ଓ ଅଲୁପ ଦାଶ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟଅତିଥିଭାବେ ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ଭାବେ ସମାଜସେବୀ ପିଙ୍କନ ସାହୁ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ ଶେଷରେ ଯୁବ ଉଦ୍ୟୋଗୀ ତଥା ପୂର୍ବତନ ସମିତିସଭ୍ୟ ମାନସ ରଞ୍ଜନ ସାହୁ, ପୂର୍ବତନ ଫୁଟବଲ ଖେଳାଳୀ ଜ୍ଞାନ ରଞ୍ଜନ ବେହେରା ଖେଳାଳୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍କୋରର ଭାବେ ଶରିତେନ୍ଦୁ ମହାନ୍ତି ଓ ମନୋଜ ଦେ କାର୍ଯ୍ୟ ସମ୍ପାଦନ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୦.୭୫ ● ପାଉଣ୍ଡ ୧୨୧.୨୧
- ୟୁରୋ ୧୦୫.୦୧ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୭,୮୫୦ (ନୂଆଦିଲ୍ଲୀ)
- ରୁପା : ୨,୫୪,୯୯୫ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୯୬୧.୦୦
- ନିଫ୍ଟି ୨୬,୧୪୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଅଧିକ ତୈଳ ଉତ୍ତୋଳନ ଅନୁମତି ପୂର୍ବରୁ ଟ୍ରମ୍ପଙ୍କ ସାନି ଧମକ

# ଭେନେଜୁଏଲାରୁ ଚୀନ, ରୁଷ, ଇରାନ୍, କ୍ୟୁବାକୁ ହଟାଅ

ନୂଆଦିଲ୍ଲୀ, ୭।୧(ଏଜେନ୍ସି): ଭେନେଜୁଏଲାର ନୂତନ ସରକାରଙ୍କୁ ଅଧିକ ତୈଳ ଉତ୍ତୋଳନ କରିବାକୁ ଅନୁମତି ଦେବା ପୂର୍ବରୁ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଜି ଆଉ ଏକ ଧମକ ଦେଇଛନ୍ତି। ଟ୍ରମ୍ପ୍ ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗୋଜଙ୍କୁ ଭେନେଜୁଏଲାରୁ ଚୀନ, ରୁଷ, ଇରାନ୍ ଏବଂ କ୍ୟୁବାକୁ ବାହାର କରିବାକୁ କହିଛନ୍ତି। କେବଳ ଏତିକି ନୁହେଁ କାରାକସ୍ ଚୀନ, ରୁଷ, ଇରାନ୍ ଏବଂ କ୍ୟୁବା ସହ ରହିଥିବା ସମସ୍ତ ଆର୍ଥିକ ସମ୍ପର୍କ ଶେଷ କରିବାକୁ କହିଛନ୍ତି। ଟ୍ରମ୍ପ ପ୍ରଶାସନ ଭେନେଜୁଏଲାର ନୂତନ ନେତୃତ୍ୱକୁ କହିଛି ଯେ ଯଦି ସେମାନେ ଏହି ସର୍ତ୍ତାବଳୀରେ ରାଜି ହୁଅନ୍ତି, ତେବେ ସେମାନଙ୍କୁ କେବଳ ସେମାନଙ୍କ ଭଣ୍ଡାରରୁ ଅଧିକ ତୈଳ ଉତ୍ତୋଳନ କରିବାକୁ ଅନୁମତି ଦିଆଯିବ।

ଟ୍ରମ୍ପ ପ୍ରଶାସନ ମଧ୍ୟ ଚାହୁଁଛି ଯେ ଭେନେଜୁଏଲା ତୈଳ ଉତ୍ପାଦନ ପାଇଁ ଆମେରିକା ସହିତ ସ୍ୱତନ୍ତ୍ର ଭାବେ ପାର୍ଟନର ହେଉ। ଏଥିସହ ଅଶୋଧିତ ତୈଳ ବିକ୍ରୟ କରିବା ସମୟରେ ଆମେରିକାକୁ ପ୍ରାଥମିକତା ଦେଉ। ଆମେରିକାର ଆକ୍ରମଣ ପରଠାରୁ ଭେନେଜୁଏଲା ରାଜନୈତିକ ଅସ୍ଥିରତା ଅନୁଭବ କରୁଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ବନ୍ଦୀ କରି ଆମେରିକାକୁ ଅଣାଯାଇଥିଲା। ସେବେଠାରୁ, ଡେଲସି ରୋଡ୍ରିଗେଜ ଅନ୍ତରୀଣ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ହେଲେ ଟ୍ରମ୍ପ ଦାବି କରିଛନ୍ତି ଯେ ସେ ଏବେ ବି ଦକ୍ଷିଣ ଆମେରିକୀୟ ଦେଶକୁ ନିୟନ୍ତ୍ରଣ କରନ୍ତି।



ଦ୍ୱିତୀୟତଃ, ଭେନେଜୁଏଲାକୁ କେବଳ ତୈଳ ଉତ୍ପାଦନ ପାଇଁ ଆମେରିକା ସହିତ ସହଭାଗିତାରେ ରାଜି ହେବାକୁ ପଡିବ। ଏଠାରେ ସୂଚନାଯୋଗ୍ୟ ଯେ, ଚୀନ୍ ଦୀର୍ଘଦିନ ଧରି ଭେନେଜୁଏଲାର ନିକଟତର ରହିଛି ଏବଂ ଏହାର ସବୁଠାରୁ ବଡ଼ ତୈଳ କ୍ରେତା।

ରିପୋର୍ଟ ଅନୁଯାୟୀ, ଆମେରିକାର ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ସାଂସଦମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ ତାଙ୍କର ବିଶ୍ୱାସ ଯେ ଆମେରିକା ଭେନେଜୁଏଲାକୁ ପୁଣି ସୁଦୃଢ଼ କରି ଛିଡା କରିପାରେ କାରଣ ଏହାର ପୂର୍ବରୁ ଥିବା ତୈଳ ଟ୍ୟାଙ୍କରଗୁଡ଼ିକ ପୂର୍ଣ୍ଣ ହୋଇଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଭେନେଜୁଏଲା ଡିସେମ୍ବର ଶେଷ ଭାଗରେ ତୈଳ କୂପଗୁଡ଼ିକୁ ବନ୍ଦ କରିବା ଆରମ୍ଭ କରିଥିଲା କାରଣ ଆମେରିକାର ଅବରୋଧ ଯୋଗୁଁ ଉତ୍ପାଦନକୁ ସମର୍ଥନ କରିବା ପାଇଁ ସଂରକ୍ଷଣ ସରିଯାଇଥିଲା। ଅଧିକ ତୈଳ କୂପ ବନ୍ଦ କରିବା ଦ୍ୱାରା ଭେନେଜୁଏଲା ପାଇଁ ଏହାର ଅର୍ଥନୀତିକୁ ପୁନରୁଦ୍ଧାର କରିବା କଷ୍ଟକର ହୋଇପାରେ।

## ନିଜ ଘରେ ଫସିଲେଣି ଟ୍ରମ୍ପ୍

ୱାଶିଂଟନ୍, ୭।୧(ଏଜେନ୍ସି): ଆମେରିକାର ଲୋକମାନେ ବେଳେବେଳେ ଛୋଟ ଛୋଟ ଯୁଦ୍ଧକୁ ବିରୋଧ କରନ୍ତି ନାହିଁ। ସମ୍ପ୍ରତି ବିଶ୍ୱରେ ଆମେରିକାର ଅର୍ଥନୈତିକ, ପ୍ରଯୁକ୍ତି ବିଦ୍ୟା ଏବଂ ସାଂସ୍କୃତିକ ପ୍ରାଧାନ୍ୟ ହ୍ରାସ ପାଉଛି। ଏପରି ପରିସ୍ଥିତିରେ ସାମରିକ ଶକ୍ତି ପ୍ରଦର୍ଶନ ଜନସାଧାରଣଙ୍କ ପାଇଁ ଗର୍ବ ଆଣିପାରେ, ବିଶେଷକରି ଯଦି ସେଗୁଡ଼ିକ ଏକ ଦୁର୍ବଳ ଶତ୍ରୁ ବିରୁଦ୍ଧରେ ପରିଚାଳିତ ହୁଏ। ଛୋଟ ଯୁଦ୍ଧ ମଧ୍ୟ ଭଲ ଜନତାଙ୍କ ଧ୍ୟାନ ହଟାଇଥାଏ। ଏହା ବିଶ୍ୱାସ କରାଯାଏ ଯେ ଯଦି ଜଣେ ରାଷ୍ଟ୍ରପତି ଘରୋଇ ଏବଂ ଅର୍ଥନୈତିକ କ୍ଷେତ୍ରରେ ସଂଘର୍ଷ କରୁଛନ୍ତି, ତେବେ ଏକ ଛୋଟ ଯୁଦ୍ଧ ଜନସାଧାରଣଙ୍କୁ ବିଭ୍ରାନ୍ତ କରି ପଟ୍ଟ ପରିବର୍ତ୍ତନରେ ସାହାର୍ଯ୍ୟ କରିବ। ଆମେରିକା ଦ୍ୱାରା ଯୁଦ୍ଧ ଆରମ୍ଭ ହେବା ପରେ ସାଧାରଣତଃ ଜନତା ରାଷ୍ଟ୍ରପତିଙ୍କୁ ସମର୍ଥନ ଦେଇଥାନ୍ତି। ୯/୧୧ ଆକ୍ରମଣ ପରେ ତତ୍କାଳୀନ ଆମେରିକୀୟ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କ ଅନୁମୋଦନ ରେଟିଂ ୯୦% ରୁ ଅଧିକ ପହଞ୍ଚିଥିଲା। କିନ୍ତୁ ଯଦି ଟ୍ରମ୍ପ ବିଶ୍ୱାସ କରନ୍ତି ଯେ ଭେନେଜୁଏଲାରେ ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରଭାବ ୯/୧୧ ଭଳି ପଡ଼ିବ, ତେବେ ସେ କେବଳ ଏକ ବଡ଼ ନିରାଶା ଆଡକୁ ଗତି କରୁଥିବା ବିଶେଷଜ୍ଞମାନେ କହିଛନ୍ତି।

ଭେନେଜୁଏଲା ଉପରେ ଆକ୍ରମଣ ପୂର୍ବରୁ, ଯେତେବେଳେ ଆମେରିକା ନିଶା କାରବାର ସନ୍ଦେହରେ ଏହାର ଜାହାଜଗୁଡ଼ିକୁ ଟାର୍ଗେଟ କରିଥିଲା, କେବଳ ୪୦% ଆମେରିକୀୟ ଏହାକୁ ସମର୍ଥନ ଦେଇଥିଲେ। ଏବେ, ଟ୍ରମ୍ପ୍ ଏକ ନୂତନ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ସେଥିରେ ନିଜ ଲୋକ ତାଙ୍କ ଉପରେ ନାରାଜ। ଭେନେଜୁଏଲାରେ ବୋମା ପକାଇବା, କାରାକସ୍‌ରେ ଶାସନ ପରିବର୍ତ୍ତନ କରିବାକୁ ବାଧ କରିବା କିମ୍ବା ସେଠାରେ ସୈନ୍ୟ ମୁତୟନ କରିବା ଭଳି ପଦକ୍ଷେପକୁ ଜନସାଧାରଣଙ୍କ ଖୁବ୍ କମ୍ ସମର୍ଥନ ରହିଛି। ଏହା ଆରେମିକାରେ ଟ୍ରମ୍ପ୍‌ଙ୍କ ଲୋକପ୍ରିୟତା କ୍ରମାଗତ ଭାବରେ ହ୍ରାସ ପାଉଥିବାରୁ ନୁହେଁ, ବରଂ ସମଗ୍ର ପରିସ୍ଥିତି ଇରାକ ଏବଂ ଆଫଗାନିସ୍ତାନ ସହିତ ସମାନ। ଇରାକ ଏବଂ ଆଫଗାନିସ୍ତାନରେ ଆମେରିକା ର ଦୀର୍ଘ ଯୁଦ୍ଧ ତାକୁ କିଛି ଲାଭ ଦେଇ ନ ଥିଲା।

### କମୁଛି ଲୋକପ୍ରିୟତା

ସାଧାରଣତଃ ଆମେରିକାର ଜନସାଧାରଣ ବିଦେଶୀ ଯୁଦ୍ଧଗୁଡ଼ିକୁ ଦୁଇଟି ଦୃଷ୍ଟିକୋଣରୁ ଦେଖିଥାନ୍ତି। ଗୋଟିଏ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭାବରେ, ଯାହା ନୈତିକ ଦୃଷ୍ଟିକୋଣରୁ ଠିକ୍ ଥିଲା ଏବଂ ଏକ ନିର୍ଣ୍ଣାୟକ ବିଜୟ ସହିତ ଶେଷ ହୋଇଥିଲା। ଅନ୍ୟଟି ହେଉଛି ଭିଏତ୍‌ନାମ, ଯେଉଁଠାରେ ଆମେରିକା ଯୁଦ୍ଧରୁ କିଛି ଲାଭ କରି ନ ଥିଲା। ଇରାକରେ ପ୍ରବେଶ କରିବା ପୂର୍ବରୁ ବୁଶ ପ୍ରଶାସନ ଜନସାଧାରଣଙ୍କୁ ବୁଝାଇବା ପାଇଁ କଠିନ ପରିଶ୍ରମ କରିଥିଲେ ଯେ ଏହି ଯୁଦ୍ଧ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରି ହେବ। ଇରାକର ଯୁଦ୍ଧ ଭିଏତ୍‌ନାମ ପରି ହେବା ଆରମ୍ଭ ହେବା ମାତ୍ରେ ଜନସାଧାରଣ ଏହାର ବିରୁଦ୍ଧରେ ଉଠିଲେ।

## ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ପୁଅ ଅଗ୍ନିବେଶଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୭।୧(ଏଜେନ୍ସି): ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ପୁଅ ଅଗ୍ନିବେଶ ଅଗ୍ରୱାଲଙ୍କ ୪୯ ବର୍ଷ ବୟସରେ ନ୍ୟୁୟର୍କରେ ହୃଦଘାତରେ ହଠାତ୍ ମୃତ୍ୟୁ ଘଟିଛି। ଆମେରିକାରେ ଏକ ସ୍କିଇଂ ଦୁର୍ଘଟଣାରେ ଅଗ୍ନିବେଶ ଗୁରୁତର ଆହତ ହୋଇଥିଲେ ଏବଂ ମାଉଣ୍ଟ ସିନାଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ପରିବାର ଅନୁଯାୟୀ, ସେ ସୁସ୍ଥ ହେଉଥିଲେ ଏବଂ ସବୁକିଛି ଠିକ୍ ଥିବା ପରି ମନେ ହେଉଥିଲା। ତଥାପି, ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା। ଅନିଲ ଅଗ୍ରୱାଲ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଅନୀଲ କହିଛନ୍ତି ଏହା ତାଙ୍କ ଜୀବନର ସବୁଠାରୁ 'କଳା ଦିନ'। ଅଗ୍ନିବେଶଙ୍କ ଜନ୍ମ ୧୯୭୬ ଜୁନ୍ ୩ରେ ପାଟନାରେ ହୋଇଥିଲା। ସେ ଆଜମେରର ମାୟୋ କଲେଜରେ ପାଠପଢ଼ିଥିଲେ ଏବଂ ଏକ ସଫଳ ବୃତ୍ତିଗତ କ୍ୟାରିଅର ପାଇଥିଲେ। ଫୁଜୈରାହ ଗୋଲ୍ଡ ପ୍ରତିଷ୍ଠାରେ ଅଗ୍ନିବେଶ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ହିନ୍ଦୁସ୍ତାନ ଜିଙ୍କ ଅଧ୍ୟକ୍ଷ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ପୁଅକୁ ଜଣେ ଆଥଲେଟ୍, ସଂଗୀତଜ୍ଞ ଏବଂ ନେତା ଭାବରେ ବର୍ଣ୍ଣନା ଅଗ୍ରୱାଲ୍ କରିଛନ୍ତି, ଯିଏକି ନମ୍ର ଏବଂ ଦୟାଳୁ ବ୍ୟକ୍ତିତ୍ୱ ପାଇଁ ବେଶ ଜଣାଶୁଣା।

## ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୩ତମ ସଂସ୍କରଣ

ଭୁବନେଶ୍ୱର,୭।୧(ଏଜେନ୍ସି): ନାଲ୍‌କୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୩ତମ ସଂସ୍କରଣ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଟା ଷ୍ଟିଲ୍ ଲିମିଟେଡର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଟି. ଭି. ନରେନ୍ଦ୍ରନ୍ ନେତୃତ୍ୱ ପାଇଁ ପରିବର୍ତ୍ତନ, ଅନୁକୂଳନ, ସ୍ଥିରତା, ନବସୃଜନ ଏବଂ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାକୁ ଜ୍ଞାନ ଆଦାନପ୍ରଦାନ ଏବଂ ସାମୂହିକ ଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରିଥିଲେ। ସେ ନାଲକୋର ସମସ୍ତ କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଅଂଶୀଦାର



ଏବଂ କମ୍ପାନୀର ଦୂରଦୃଷ୍ଟିସମ୍ପନ୍ନ ପ୍ରତିଷ୍ଠାତା ନେତୃତ୍ୱଙ୍କ ପ୍ରତି ସେମାନଙ୍କର ଅଭିବୃଦ୍ଧି ଯାତ୍ରାରେ ନିରନ୍ତର ଅବଦାନ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଶ୍ରୀ ସିଂହ ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ନାଲକୋର ରେକର୍ଡ ପ୍ରଦର୍ଶନ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ନିମନ୍ତେ ସମ୍ଭବ ହୋଇପାରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଡା. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଧନ୍ୟବାଦ ଦେଇଥିଲେ।

## ବଜେଟ ୨୦୨୬-୨୭ ବିନା ଅର୍ଥ ସଚିବରେ ବଜେଟ୍ ପ୍ରସ୍ତୁତି

ନୂଆଦିଲ୍ଲୀ,୭।୧(ଏଜେନ୍ସି): ସାଧାରଣ ବଜେଟ ୨୦୨୬-୨୭ ଅନେକ ଦୃଷ୍ଟିରୁ ଭିନ୍ନ ହେବାକୁ ଯାଉଛି। ପରମ୍ପରା ଭାଙ୍ଗ, ଏହି ବଜେଟ ଫେବୃଆରୀ ପହିଲା ରବିବାର ଉପସ୍ଥାପିତ ହୋଇପାରେ। ହେଲେ ଚଳିତଥରର ବଜେଟ ତାରିଖ ଅପେକ୍ଷା ଅନ୍ୟ ଏକ ପ୍ରସଙ୍ଗ ପାଇଁ ଅଧିକ ଆଲୋଚନାର ବିଷୟ ହୋଇଛି। ଦେଶରେ ପ୍ରଥମ ଥର ପାଇଁ ବଜେଟ ସମୟରେ ଅର୍ଥ ମନ୍ତ୍ରଣାଳୟରେ କୌଣସି ଅର୍ଥ ସଚିବ ନାହାଁନ୍ତି। ସାଧାରଣତଃ, ଅର୍ଥ ସଚିବ ହେଉଛନ୍ତି ମନ୍ତ୍ରଣାଳୟର ସବୁଠାରୁ ବରିଷ୍ଠ ଅଧିକାରୀ। ସେ ମନ୍ତ୍ରଣାଳୟ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା, ପ୍ରମୁଖ ବଜେଟ୍-ସମ୍ବନ୍ଧୀୟ ନିଷ୍ପତ୍ତିଗୁଡ଼ିକୁ ତଦାରଖ କରିବା ଏବଂ ସମଗ୍ର ପ୍ରକ୍ରିୟାକୁ ମାର୍ଗଦର୍ଶନ କରିବା ପାଇଁ ଦାୟୀ। ସରଳ ଭାବରେ କହିବାକୁ ଗଲେ, ଅର୍ଥ ସଚିବଙ୍କୁ ବଜେଟ୍ ଯନ୍ତ୍ରପାତିର ଚାଳକ ଭାବରେ ବିବେଚନା କରାଯାଏ।

### ଖାଲି ପଡିଛି ଅର୍ଥ ସଚିବ ପଦ

ଶେଷ ଥର ବଜେଟ୍ ଆଗତ ସମୟରେ ଅଜୟ ସେଠ୍ ଅର୍ଥ ସଚିବ ଥିଲେ। ସେଠ୍ ୨୦୨୫ ଜୁନ୍ ୩୦ ରେ ଅବସର ନେଇଥିଲେ। ପରେ ତାଙ୍କୁ ବୀମା କ୍ଷେତ୍ରର ନିୟାମକ ଆଇଆର୍‌ଡିଏଆଇର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ତାଙ୍କ ପୂର୍ବରୁ ତୁହିନ କାନ୍ତ ପାଣ୍ଡେ ଅର୍ଥ ସଚିବ ଭାବରେ କାର୍ଯ୍ୟ କରିଥିଲେ। ତଥାପି, ଏହି ପଦବୀ ଏବେ ବି ଖାଲି ପଡିଛି। ସରକାର ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଏହି ପଦରେ ନିଯୁକ୍ତ କରିନାହାଁନ୍ତି। ରିପୋର୍ଟ ଅନୁଯାୟୀ, ଅର୍ଥ ସଚିବଙ୍କ ଅନୁପସ୍ଥିତି ସତ୍ତ୍ୱେ ବଜେଟ ପ୍ରସ୍ତୁତି କାର୍ଯ୍ୟ ବର୍ତ୍ତମାନ ସ୍ୱାଭାବିକ ଭାବରେ ଚାଲିଛି। ବିଭିନ୍ନ ବିଭାଗ ବଜେଟ ପ୍ରକ୍ରିୟାର ସମନ୍ୱୟ କରୁଛନ୍ତି। ଅର୍ଥନୈତିକ ବ୍ୟାପାର ବିଭାଗ, ବ୍ୟୟ ବିଭାଗ ଏବଂ ରାଜସ୍ୱ ବିଭାଗ ଚୂଡ଼ାନ୍ତ ବଜେଟ ରୂପରେଖ ପ୍ରସ୍ତୁତ କରିବା ପାଇଁ ନିଜ ନିଜ ସ୍ତରରେ ତଥ୍ୟ, ଯୋଜନା ଏବଂ ପ୍ରସ୍ତାବ ଉପରେ କାର୍ଯ୍ୟ କରୁଛନ୍ତି। ଏଥର, ବଜେଟ୍ ଦାୟିତ୍ୱ ଏକ ନୂତନ ଟିମ୍‌ର କାନ୍ଧରେ ନ୍ୟସ୍ତ। ଅନେକ ବରିଷ୍ଠ ଅଧିକାରୀଙ୍କର ମନ୍ତ୍ରଣାଳୟ ଏବଂ ଆନ୍ତର୍ଜାତୀୟ ପ୍ରତିଷ୍ଠାନରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି। ଟିକସ ବ୍ୟବସ୍ଥା ସମ୍ପର୍କରେ, ପ୍ରତ୍ୟକ୍ଷ ଟିକସ ବୋର୍ଡ ଏବଂ ପରୋକ୍ଷ ଟିକସ ବୋର୍ଡ ଉଭୟର ଅଧିକାରୀମାନେ ବଜେଟ୍ ପ୍ରସ୍ତୁତି ଏବଂ ନୂତନ ଆଇନ କାର୍ଯ୍ୟକାରୀ କରିବା ପାଇଁ ଦାୟୀ ଅଛନ୍ତି। ଯଦିଓ ଅର୍ଥ ସଚିବଙ୍କ ପଦବୀ ଖାଲି ଅଛି, ସରକାର ଦାବି କରୁଛନ୍ତି ଯେ ଏହା ବଜେଟର ଗୁଣବତ୍ତା କିମ୍ବା ସମୟସୀମାକୁ ପ୍ରଭାବିତ କରିବନାହିଁ। ତଥାପି, ଅର୍ଥ ସଚିବଙ୍କ ବିନା ପ୍ରସ୍ତୁତ ଏହି ବଜେଟ୍ ଜନସାଧାରଣ ଏବଂ ଅର୍ଥନୀତି ପାଇଁ କ'ଣ ନୂତନ ସମ୍ଭାବନା ଆଣିବ ତାହା ଦେଖିବା କେବଳ ବାକି।

## ଅନିଲ କୁମାର ସିଂହ ନାଲକୋର ନୂଆ ବାଣିଜ୍ୟିକ ନିର୍ଦ୍ଦେଶକ



ଭୁବନେଶ୍ୱର,୭।୧(ସମିସ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ)ର ନୂତନ ନିର୍ଦ୍ଦେଶକ(ବାଣିଜ୍ୟିକ) ଭାବେ ଅନିଲ୍ କୁମାର ସିଂହ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ସିଂହ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ହିନ୍ଦୁସ୍ତାନ କପର ଲିମିଟେଡ(ଏଚସିଏଲ) ରେ ମହାପ୍ରବନ୍ଧକ(ସାମଗ୍ରୀ ଏବଂ ଚୁକ୍ତି)ଏବଂ ମହାପ୍ରବନ୍ଧକ(ମାନବ ସମ୍ବଳ) ଅତିରିକ୍ତ ଦାୟିତ୍ୱ ଭାବରେ କାର୍ଯ୍ୟ କରୁଥିଲେ। ଶ୍ରୀ ସିଂହଙ୍କର ଧାତୁ ଶିଳ୍ପର ବାଣିଜ୍ୟିକ ବିଭାଗରେ ୩୫ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ଶ୍ରୀ ସିଂହ ୧୯୯୦ରେ ବିଆଇଟି ସିନ୍ଦ୍ରିରୁ ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ସାମଗ୍ରୀ ପରିଚାଳନା କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବା ନିମନ୍ତେ ଜିଡିଏମଏମ ଡିଗ୍ରୀ ସହ, ଏମବିଏ(ସାମଗ୍ରୀ ପରିଚାଳନା) ତଥା ପିଜିଡିସିଏ ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି।

## ବିଶ୍ୱ କପ୍ ଚାମ୍ପିଅନ୍‌ଙ୍କୁ ସମ୍ମାନୀତ କଲା ରିଲାଏନ୍ସ

ମୁମ୍ବଇ,୭।୧(ଏଜେନ୍ସି): ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଅମ୍ବାନୀ ଭାରତର ବିଶ୍ୱକପ୍ ବିଜେତାମାନଙ୍କୁ ସମ୍ମାନିତ କରିଛନ୍ତି। ମୁମ୍ବାଇରେ ଅନୁଷ୍ଠିତ ଏକ ସମାରୋହରେ ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟକ ହରମନପ୍ରୀତ କୌର, ଭାରତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ଦଳର ଅଧିନାୟକ ଦୀପିକା ଟିସି ଏବଂ ଭାରତୀୟ ପୁରୁଷ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ସମେତ ଅନେକ ପ୍ରମୁଖ କ୍ରୀଡାବିତ୍ ଉପସ୍ଥିତ ଥିଲେ। ଖେଳାଳିମାନଙ୍କ ସଫଳତାକୁ ପ୍ରଶଂସା କରାଯାଇଥିଲା ଏବଂ ସେମାନଙ୍କ ଅବଦାନକୁ ଦେଶ ପାଇଁ ଗର୍ବର ବିଷୟ ବୋଲି ବର୍ଣ୍ଣନା କରାଯାଇଥିଲା। ଶ୍ରୀମତୀ ଅମ୍ବାନୀ କହିଛନ୍ତି, ତିନୋଟି କ୍ରିକେଟ୍ ଟିମ୍ ପୁରୁଷ କ୍ରିକେଟ୍ ଦଳ, ମହିଳା କ୍ରିକେଟ୍ ଦଳ ଏବଂ ଭାରତର ଦୃଷ୍ଟିହୀନ କ୍ରିକେଟ୍ ଦଳ ଏଠାରେ ଗୋଟିଏ ଛାତ ତଳେ ଅଛନ୍ତି, ଏବଂ ପ୍ରତ୍ୟେକ ଭାରତୀୟଙ୍କ ପକ୍ଷରୁ ଆମେ ସେମାନଙ୍କୁ ସମ୍ମାନିତ କରିବାକୁ କରୁଛୁ।





## ଅଶୋଧିତ ଇସ୍ପାତ ଉତ୍ପାଦନରେ ଟାଟା ଷ୍ଟିଲ୍‌ର ସଫଳତା

ଭୁବନେଶ୍ୱର,୭।୧(ସମିସ): ଟାଟା ଷ୍ଟିଲ୍ ଇଣ୍ଡିଆ ଅଶୋଧିତ ଇସ୍ପାତ ଉତ୍ପାଦନରେ ଶ୍ରେଷ୍ଠ ତ୍ରୈମାସିକ ସଫଳତା ହାସଲ କରିଛି। କମ୍ପାନୀର ଅଶୋଧିତ ଇସ୍ପାତ ଉତ୍ପାଦନ ୬.୩୪ ନିୟୁତ ଟନ୍‌ରେ ପହଞ୍ଚିଛି। ତ୍ରୈମାସକ ଭିତ୍ତିରେ ଅଶୋଧିତ ଇସ୍ପାତ ଉତ୍ପାଦନ ୧୨ ପ୍ରତିଶତ ବୃଦ୍ଧି ଘଟିଛି। କମ୍ପାନୀର ଜାମ୍‌ସେଦ୍‌ପୁର ଏବଂ କଳିଙ୍ଗ ନଗର ସ୍ଥିତ କାରଖାନାରେ ଉଚ୍ଚ ଉତ୍ପାଦନ ଯୋଗୁ ଟାଟା ଷ୍ଟିଲ୍‌କୁ ଏହି ସଫଳତା ମିଳିଛି। ତେବେ ପ୍ରଥମ ଥର ପାଇଁ ଟାଟା ଷ୍ଟିଲ୍‌ର ଅଶୋଧିତ ଇସ୍ପାତ ଉତ୍ପାଦନ ପ୍ରଥମ ଥର ପାଇଁ ୬ ନିୟୁତ ଟନ୍ ଅତିକ୍ରମ କରିଛି। କଥିର ଉତ୍ପାଦନ ସଫଳତା ହାସଲ କରିଛି। ଏହାଛଡା ତ୍ରୈମାସିକରେ କମ୍ପାନୀ ମୂଲ୍ୟ ଯୁକ୍ତ ଅଭିବୃଦ୍ଧି ସହ ଆନୁଷଙ୍ଗିକ ପୋର୍ଟଫୋଲିଓରେ ଅଗ୍ରଗତି ହାସଲ କରିଥିବା କହିଛି।

## ହୋଣ୍ଡା ମୋଟରସାଇକଲ୍‌ର ୪୫% ବିକ୍ରି ଅଭିବୃଦ୍ଧି

ଗୁରୁଗ୍ରାମ, ୭।୧(ଏଜେନ୍ସି): ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ୍‌ଏସଆଇ) ଡିସେମ୍ବରରେ ମୋଟ ୪,୪୬,୦୪୮ ୟୁନିଟ୍ ଗାଡି ବିକ୍ରି କରିଛି। ଏହି ବିକ୍ରି ମଧ୍ୟରେ ଘରୋଇ ବଜାରରେ କମ୍ପାନୀ ୩,୯୨,୩୦୬ ୟୁନିଟ୍ ଗାଡି ବିକ୍ରି ଏବଂ ୫୩,୭୪୨ ୟୁନିଟ୍ ରପ୍ତାନି କରିଛି। ଏଚଏମ୍‌ଏସଆଇ ୨୦୨୪ ଡିସେମ୍ବର ତୁଳନାରେ ବାର୍ଷିକ ଭିତ୍ତିରେ ୪୫% ଅଭିବୃଦ୍ଧି ହାସଲ କରିଛି। ଏଫ୍‌ୱାଇ୨୬ (ଏପ୍ରିଲ-ଡିସେମ୍ବର ୨୦୨୫)ର ଇୟର-ଟୁ-ଡେଟ୍ ଅବଧି ନିମନ୍ତେ ଏଚଏମ୍‌ଏସଆଇ ମୋଟ ୪୬,୭୮,୮୧୪ ୟୁନିଟ୍ ଗାଡି ବିକ୍ରି କରିଛି। ଏଥିମଧ୍ୟରେ ଘରୋଇ ବଜାରରେ ୪୨,୦୪,୪୨୦ ୟୁନିଟ ବିକ୍ରି ଏବଂ ରପ୍ତାନି ୪,୭୪,୩୯୪ ୟୁନିଟ ଅନ୍ତର୍ଭୁକ୍ତ।

## ବେଦାନ୍ତ ଲାଞ୍ଜିଗଡ଼ରେ କାର୍ଯ୍ୟକ୍ଷେତ୍ରରେ ଜରୁରୀକାଳୀନ ମକ୍ ଡ୍ରିଲ୍

ଭୁବନେଶ୍ୱର,୭।୧(ଏଜେନ୍ସି): ବେଦାନ୍ତ ଆଲୁମିନିୟମ ଏହାର ଲାଞ୍ଜିଗଡ଼ ବିଶୋଧନାଗାରରେ ସଫଳତାର ସହ ଏକ ଜରୁରୀକାଳୀନ ମକ୍ ଡ୍ରିଲ୍ ପରିଚାଳନା କରିଛି, ଯାହା ବଡ ଧରଣର ବିପଦ ମୁକାବିଲା ପାଇଁ ପ୍ରସ୍ତୁତିକୁ ମଜବୁତ କରିବା ସହ ଏହାର ଜରୁରୀକାଳୀନ ପଦକ୍ଷେପ ଯୋଜନାକୁ ସୁଦୃଢ କରିଛି। ଏହି କାର୍ଯ୍ୟକ୍ରମ କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ କରିବା ସହିତ ଶୂନ କ୍ଷୟକ୍ଷତି ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଥିଲା। କମ୍ପାନୀର ଥିବା ରେଡ୍ ମଡ୍ ପୋଖରୀ ସ୍ଥାନରେ ଏକ କାଳ୍ପନିକ ପରିସ୍ଥିତି ପ୍ରଦର୍ଶନ କରାଯାଇଥିଲା ଯେଉଁଠାରେ ନିୟମିତ କାର୍ଯ୍ୟ ସମୟରେ ହଠାତ୍ ରେଡ୍ ମଡ୍ ବନ୍ଧ ଭୁଶୁଡ଼ିବା ପରେ ଜଣେ ଏକ୍ସକେଭେଟର ଅପରେଟର ଫସି ରହିଥିଲେ। କାର୍ଯ୍ୟ ବନ୍ଦ ସହିତ ଦୁର୍ଘଟଣା ରୋକିବା ପାଇଁ ଶକ୍ତି ଉତ୍ସକୁ ନିୟନ୍ତ୍ରଣ କରି ଏହି ଅଞ୍ଚଳକୁ ତୁରନ୍ତ ବିଚ୍ଛିନ୍ନ କରାଯାଇଥିଲା। ଉପଯୁକ୍ତ ପିପିଇ ଏବଂ ସ୍ୱତନ୍ତ୍ର ଉପକରଣ ବ୍ୟବହାର କରି ଫସି ରହିଥିବା ଅପରେଟରଙ୍କୁ ସୁରକ୍ଷିତ ଭାବେ ୪ ରୁ ୬ ମିନିଟ୍ ମଧ୍ୟରେ ଉଦ୍ଧାର କରାଯାଇଥିଲା। ଏହି ଅଭ୍ୟାସ ଉପରେ ମନ୍ତବ୍ୟ ଦେଇ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ପ୍ରସ୍ତୁତି ହେଉଛି ଏକ ନିରନ୍ତର ପ୍ରକ୍ରିୟା। ନିୟମିତ ମକ୍ ଡ୍ରିଲ୍ ଆମ ଦଳକୁ ଜଟିଳ ପରିସ୍ଥିତିରେ ଗତି, ସ୍ପଷ୍ଟତା ଏବଂ ଆତ୍ମବିଶ୍ୱାସର ସହ ମୁକାବିଲା କରିବାରେ ସାହାଯ୍ୟ କରିଥାଏ।

## ଅଳଙ୍କାର ଦୋକାନରେ ହିଜାବ-ନିକାବ୍, ଓଢ଼ଣୀ ଉପରେ ରୋକ୍

ପାଟନା,୭।୧(ଏଜେନ୍ସି): ଏଣିକି ଯେଉଁ ଗ୍ରାହକମାନେ ଅଳଙ୍କାର ଶୋ'ରୁମରେ ମୁହଁକୁ ହିଜାବ କିମ୍ବା ବୁର୍ଖାରେ ଘୋଡ଼ାଇ ପ୍ରବେଶ କରୁଛନ୍ତି, ସେମାନଙ୍କୁ ପ୍ରବେଶ ଅନୁମତି ଦିଆଯିବନାହିଁ। ସେହିପରି ଏହି ନିୟମ ପୁରୁଷମାନଙ୍କ ପାଇଁ ମଧ୍ୟ ଲାଗୁ ହେବ, ଯେଉଁମାନେ ସ୍କାର୍ଫ, ହେଲମେଟ୍ କିମ୍ବା ଅନ୍ୟାନ୍ୟ ସମାନ ପୋଷାକ କିମ୍ବା ସମାଗ୍ରୀରେ ମୁହଁ ଘୋଡ଼ାଇ ରଖୁଛନ୍ତି। ଏପରି ଘଟଣାରେ କେବଳ ମୁହଁ ଯାଞ୍ଚ ପରେ ଅଳଙ୍କାର କିଣାଯାଇପାରିବ। ସମ୍ପ୍ରତି ବିହାରରେ ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଦେଶର ଅନ୍ୟ କିଛି ରାଜ୍ୟରେ ମଧ୍ୟ ସମାନ ବ୍ୟବସ୍ଥା କରାଯାଇଛି। ଅନେକ ଅଳଙ୍କାର ଦୋକାନ ସମାନ ନୋଟିସ୍ ପୋଷ୍ଟ କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ, ଅଳଙ୍କାର ଦୋକାନରେ ମାସ୍କ, ହେଲମେଟ, ବୁର୍ଖା କିମ୍ବା ନିକାବ ପିନ୍ଧିବା ନିଷେଧ। ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡ ଫେଡେରେସନ ଏଥିପାଇଁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

### ପୁରୁଷଙ୍କ ପାଇଁ ସ୍କାର୍ଫ, ହେଲମେଟ୍ ବି ନିଷେଧ
### ଚେହେରା ଲୁଚାଇଲେ ଫସିବେ !

ଅଳଙ୍କାର ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ବର୍ମା କହିଛନ୍ତି ଯେ, ସମ୍ପ୍ରଦାୟ ନିର୍ବିଶେଷରେ ଅଳଙ୍କାର ବ୍ୟବସାୟ ସହିତ ଜଡିତ ସମସ୍ତ ଲୋକ ତାଙ୍କର ସଦସ୍ୟ। ଅଳଙ୍କାର ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଯଦି କେହି ଅପରାଧ କରନ୍ତି, ତେବେ ସେମାନଙ୍କୁ ତୁରନ୍ତ ଗିରଫ କରାଯାଇପାରିବ। ସେଥିପାଇଁ ଆମେ ପ୍ରଶାସନକୁ ମଧ୍ୟ ସହଯୋଗ କରୁଛୁ। ହେଲମେଟ, ହିଜାବ, ନିକାବରେ ମୁହଁ ଘୋଡ଼ାଇଥିବା ମହିଳା କିମ୍ବା ପୁରୁଷମାନଙ୍କୁ ଆଉ ଦୋକାନ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ରାଜ୍ୟରେ ଏପରି ଅନେକ ଘଟଣା ଘଟିଛି। ମୁହଁ ଲୁଚାଇ ଦୋକାନରେ ପ୍ରବେଶ କରି ଡକାୟତି କରିଛନ୍ତି ଡକାୟତ। ଦୋକାନଗୁଡ଼ିକରେ ଲାଗିଥିବା ସିସିଟିଭି କ୍ୟାମେରାରେ ମଧ୍ୟ ସେମାନଙ୍କ ମୁହଁ ଚିହ୍ନଟ କରାଯାଇ ପାରୁନାହିଁ। ବର୍ତ୍ତମାନ ସମୟରେ ସୁନା ଏବଂ ରୁପା ବହୁତ ମୂଲ୍ୟବାନ। ତେଣୁ ସୁରକ୍ଷା ଅତ୍ୟନ୍ତ ଜରୁରୀ। ଅଶୋକ କୁମାର ବର୍ମା କହିଛନ୍ତି ଯେ, ଏହି ନିଷ୍ପତ୍ତି କେବଳ ତାଙ୍କ ନିଜ ସୁରକ୍ଷା ପାଇଁ ନୁହେଁ ବରଂ ପ୍ରଶାସନ ସହିତ ସହଯୋଗ କରିବା ପାଇଁ ନିଆଯାଇଛି। ଏହି ନୂତନ ନିୟମ ଜାନୁଆରୀ ୮ରୁ କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି। ଏହା ପରେ, କ୍ରେତାମାନେ ମୁହଁ ଘୋଡ଼ାଇ ଦୋକାନରେ ପ୍ରବେଶ କରିପାରିବେ ନାହିଁ।

